# ମରଣଯନ୍ତା ସାଜିଛି ବାଙ୍କୀ-ବାରଙ୍ଗ ରାସ୍ତା

ତ୍ରିଶୂଳିଆ,୨୭।୪(ସମିସ)



ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୩୦ କିଲୋମିଟର ଦୂରରେ ଥିବା ବାଙ୍କୀ-ବାରଙ୍ଗ ମୁଖ୍ୟ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ପ୍ରଶାସନିକ ଅବହେଳା ଓ ଦୀର୍ଘ ଦିନରୁ ମରାମତି ଅଭାବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏବେ ବିପଦପୂର୍ଣ୍ଣ ସ୍ଥିତିରେ ରହିଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ତୁରନ୍ତ ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ବାଙ୍କୀ ଓ ବାରଙ୍ଗ ଅଞ୍ଚଳ ମୁଖ୍ୟତଃ କୃଷି ପ୍ରଧାନ ହୋଇଥିବାରୁ ଶହ ଶହ ଚାଷୀ ଦୈନିକ ନିଜର ଉତ୍ପାଦିତ ସାମଗ୍ରୀ ବଜାରକୁ ନେବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ମାତ୍ର ରାସ୍ତାରେ ଥିବା ବଡ଼ ବଡ଼ ଖାଲ ଓ ଅସମତଳ ଯୋଗୁଁ ଯାତାୟାତ ଏକ ଦୁଃସ୍ୱପ୍ନ ପାଲଟିଛି। ବିଶେଷକରି ରାତି ସମୟରେ ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ବହୁ ସମୟରେ ଯାନବାହନ ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଖାଲଖମା ଭରା ରାସ୍ତା ସାଙ୍ଗକୁ ବନ୍ୟ ହାତୀଙ୍କ ଚଳପ୍ରଚଳ ସ୍ଥାନୀୟ ଲୋକଙ୍କ ନିଦ ହଜାଇ ଦେଇଛି। ଅନ୍ଧାରିଆ ରାସ୍ତାରେ ହାତୀଙ୍କ ସାମ୍ନାସାମ୍ନି ହେବାର ଭୟରେ ଲୋକେ ଥରିହରି ଯାତାୟାତ କରୁଛନ୍ତି। ରାଜଧାନୀର ଏତେ ପାଖରେ ଥାଇ ମଧ୍ୟ ମୌଳିକ ସୁବିଧା ଯଥା- ରାସ୍ତା ଆଲୋକ ଓ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବିଧାୟକ ମଝିମଝିରେ ରାସ୍ତା ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରୁଥିବାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଏହାର କୌଣସି ସୁଫଳ ମିଳିନାହିଁ। ବିଧାୟକଙ୍କ ପଦକ୍ଷେପ କେବଳ ପ୍ରଚାରରେ ସୀମିତ ରହିଯାଇଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଫଳରେ ମରାମତି ନାଁରେ କେବଳ ପ୍ରହସନ ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ସ୍ଥାୟୀ ମରାମତି ଏବଂ ଆଲୋକୀକରଣ ଦାବିରେ ସ୍ଥାନୀୟ ବାସିନ୍ଦା ଏବେ ସଂଗଠିତ ହେବାକୁ ଲାଗିଲେଣି। ଯଦି ପ୍ରଶାସନ ଆଗାମୀ କିଛି ଦିନ ମଧ୍ୟରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କରେ, ତେବେ ଏହା ଏକ ବଡ଼ ଧରଣର ଗଣଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ବାସିନ୍ଦା ସତର୍କ କରିଛନ୍ତି।

- ଯୋଗାଯୋଗ ବିପର୍ଯ୍ୟସ୍ତ; ଆନ୍ଦୋଳନ ଚେତାବନୀ
- ଖାଲଖମା ଓ ଅନ୍ଧାରିଆ ରାସ୍ତାରେ ବଢୁଛି ଦୁର୍ଘଟଣା
- ପଥଚାରୀଙ୍କୁ ଘାରୁଛି ହାତୀ ଭୟ

## ଅଗ୍ନିକାଣ୍ଡରେ ଜଳିଗଲା ବୃଦ୍ଧାଙ୍କ ଘର

କିଶନନଗର,୨୭।୪(ସମିସ): କଟକ ସଦର କିଶନନଗର ତହସିଲ ଅନ୍ତର୍ଗତ ଗିରିଧାରୀ ମଠ ନିକଟସ୍ଥ ବ୍ରାହ୍ମଣ ସାହିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ନିରାଶ୍ରୟା ବୃଦ୍ଧାଙ୍କ ବାସଗୃହ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁଯାୟୀ, ସୋମବାର ଦିନ ସ୍ଥାନୀୟ ବାସିନ୍ଦା ସକି ଭୋଇଙ୍କ ଦୁଇ ବଖରା ଚାଳଘରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହି ଅଘଟଣରେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ଓ ସଞ୍ଚିତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଜଣେ ବିଧବା ଓ ଅସହାୟା ମହିଳା ଭାବେ ସକି ଏବେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ଏହି ଘଟଣା ପରେ ବିପନ୍ନ ବୃଦ୍ଧାଙ୍କୁ ତୁରନ୍ତ ସରକାରୀ ସହାୟତା ଓ ବେସରକାରୀସ୍ତରରେ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ତଥା ସାଧାରଣରେ ଦୃଢ଼ ଦାବି ହେଉଛି।



## ଗଛରେ ପିଟି ହୋଇ ଯୁବକଙ୍କ ମୃତ୍ୟୁ

ଭଦ୍ରେଶ୍ୱର,୨୭।୪(ସମିସ): "ଦ୍ରୁତଗତି ମହାବିପତ୍ତି" - ଏହି ଉକ୍ତିର ଏକ କରୁଣ ଚିତ୍ର ଆଜି ମାହାଙ୍ଗା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବାଇକ୍‌ରେ ଦ୍ରୁତଗତିରେ ଆସୁଥିବା ଜଣେ ଯୁବକ ଭାରସାମ୍ୟ ହରାଇ ଗଛରେ ପିଟି ହେବା ଫଳରେ ତାଙ୍କର ଅକାଳ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଗୌଡ଼ପଡ଼ା ଗ୍ରାମର ରଞ୍ଜନ ଜେନା। ସୂଚନା ଅନୁଯାୟୀ, ରଞ୍ଜନ ଏକ ବାଇକ୍ (ନଂ-ଓଡି ୦୫ ଡିପି ୧୦୫୧) ଯୋଗେ ଦ୍ରୁତଗତିରେ ଆସୁଥିବା ସମୟରେ ଲଙ୍ଗଳେଶ୍ୱର ଘାଟ ଶନି ମନ୍ଦିର ନିକଟରେ ଥିବା ଏକ ବରଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ମାହାଙ୍ଗା ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

## ଘରୋଇ ଜମିରେ ରାସ୍ତା ନିର୍ମାଣ; ଥାନାରେ ଅଭିଯୋଗ

ଟିଗିରିଆ,୨୭।୪(ସମିସ): ଟିଗିରିଆ ଥାନା ଅଧୀନ ନୂଆପାଟଣା ହରିବଲ୍ଲଭ ସାହିର ଜୈନିକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଚାଷଜମିରେ କିଛି ବ୍ୟକ୍ତି ଜୋରଜବରଦସ୍ତ ମାଟି ପକାଇ ଏକ ରାସ୍ତା ନିର୍ମାଣ କରିବା ତଥା ଏ ନେଇ ସମ୍ପୃକ୍ତ ବ୍ୟକ୍ତି ମାଟି ପକାଇଥିବା ଲୋକଙ୍କୁ ପଚାରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିବା ନେଇ ଟିଗିରିଆ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ନୂଆପାଟଣା ହରିବଲ୍ଲଭ ସାହିର ଦୁର୍ଯ୍ୟୋଧନ କୁଣ୍ଡୁଙ୍କର ଭେଜିଆ-ଭାପୁର ରାସ୍ତାର ବାରଘରିଆ ବନ୍ଧ ନିକଟରେ ପ୍ରାୟ ୧୮ ଗୁଣ୍ଠର ଚାଷଜମି ରହିଛି। ଯାହାକୁ ସେ ଚାଷ କରି ଚଳିଥାନ୍ତି। ରବିବାର ଉକ୍ତ ଜମିରେ ପଙ୍କାଳ ଗ୍ରାମର କିଛି ବ୍ୟକ୍ତି ଦୁର୍ଯ୍ୟୋଧନଙ୍କ ଅଗୋଚରରେ ଉକ୍ତ ଜମିର ମଝିରେ ମାଟି ପକାଇ ଏକ ରାସ୍ତା ନିର୍ମାଣ କରିଛନ୍ତି। ସୂଚନା ପାଇ ଦୁର୍ଯ୍ୟୋଧନ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଜମିକୁ ଆସିଲେ ଜୀବନରେ ମାରିଦେବାର ଧମକ ଦେଇଥିବା ଦୁର୍ଯ୍ୟୋଧନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ୩୦ଜଣ ଅସହାୟଙ୍କୁ ରାସନ ସାମଗ୍ରୀ ବଣ୍ଟନ



ନିଶ୍ଚିନ୍ତକୋଇଲି,୨୭।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଧଳପଡାଠାରେ ଥିବା ଅଗ୍ରଣୀ ସାମାଜିକ ସଂଗଠନ ସମାଜସେବା ଓ ସମର୍ପଣ ପକ୍ଷରୁ ଅସହାୟମାନଙ୍କୁ ବିଭିନ୍ନ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ସ୍ଥାନୀୟ ମା' ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ସଂଗଠନର ପ୍ରତିଷ୍ଠାତା ସଭାପତି ସମାଜସେବୀ ପ୍ରତାପ କୁମାର ସିଂହଙ୍କ ସଂଯୋଜନାରେ ଏଥିରେ ଶିକ୍ଷାବିତ୍ ରବିନ୍ଦ୍ର ସାହୁ, ନାରୀନେତ୍ରୀ ଅମ୍ରିତା ସିଂହ, ସନ୍ତୋଷ ସ୍ୱାଇଁ, ଶଙ୍କର୍ଷଣ ସ୍ୱାଇଁ, କାଦମ୍ବିନୀ ସାହୁ, ବଂଶୀଧର ନାୟକ, ମାନସୀ ରାଉଳ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି ଦାତବ୍ୟ ମନୋବୃତ୍ତିକୁ ପ୍ରଶଂସା କରିବା ସହିତ ୩୦ ଜଣ ଅସହାୟ ପରିବାରଙ୍କୁ ରାସନ ବଣ୍ଟନ କରିଥିଲେ। ଉକ୍ତ ଅନୁଷ୍ଠାନଟି ବିଭିନ୍ନ ସମୟରେ ବହୁ ଗରିବ, ଅସହାୟଙ୍କୁ ସହାୟତା ଓ ସହଯୋଗର ହାତ ବଢାଇ ଏ ଅଞ୍ଚଳରେ ପରିଚିତ ହୋଇଥିବାରୁ ସଂପୃକ୍ତ ଅସହାୟମାନେ ଅନୁଷ୍ଠାନର ସଭାପତିଙ୍କ ଦୀର୍ଘ ଜୀବନ କାମନା କରିଥିଲେ।

## ● ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

# ୮୭ଟି ଅଭିଯୋଗ ପଞ୍ଜିକୃତ, ୧୦ଟିର ତତ୍କାଳ ସମାଧାନ



ଟାଙ୍ଗୀ,୨୭।୪(ସମିସ): କଟକ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ଯେଉଁଥିରେ ୬୯ଟି ବ୍ୟକ୍ତିଗତ ଏବଂ ୧୮ଟି ସାମୁହିକ ଅଭିଯୋଗ ସାମିଲ ଥିଲା। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ ଶିବିରରେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ଯଥାଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ରୋଜଗାର ହରାଇଥିବା ଜଣେ ବ୍ୟକ୍ତିଙ୍କୁ ଜିଲ୍ଲାପାଳ ରେଡ଼କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ୩ ଜଣ ଦିବ୍ୟାଙ୍ଗ ଓ ଅନ୍ୟ ୯ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ବିଡ଼ିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଅତିରିକ୍ତ ବିଡ଼ିଓ ଶାଶ୍ୱତ ଜେନା ଏବଂ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବାଣିପଦା-ବନ୍ଦାଳ ରାସ୍ତା ଆଲୋକୀକରଣ ପାଇଁ ଦାବି



ଚୌଦ୍ୱାର,୨୭।୪(ସମିସ): ଜାତୀୟ ରାଜପଥ ନଂ ୫୫ର କଜଳକଣା ଛକରୁ ବାଣିପଦା-ବନ୍ଦାଳ ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଦୀର୍ଘ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ବାଣିପଦା ସରପଞ୍ଚ ଦିଲ୍ଲୀପ କୁମାର ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେଙ୍କୁ ଭେଟି ଏହି ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ଇଡ଼କୋ ଶିଳ୍ପାଞ୍ଚଳ ଓ ଅନେକ ଶିକ୍ଷାନୁଷ୍ଠାନ ରହିଥିବାରୁ ଦିବାରାତ୍ର ଶ୍ରମିକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏଠାରେ ଯାତାୟତ କରିଥାନ୍ତି। ମାତ୍ର ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତିରେ ଅନ୍ଧକାରର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ଏବଂ ନିତିଦିନିଆ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ଆଲୋକୀକରଣ ପାଇଁ ଇଡ଼କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏହା ସହିତ ପଞ୍ଚାୟତରେ ବୃଦ୍ଧି ପାଉଥିବା ସରକାରୀ ଜମି ଜବରଦଖଲ ଓ ବେଆଇନ ଜମି ପଟ୍ଟା ରଦ୍ଦ କରିବା ପାଇଁ ପଞ୍ଚାୟତ ତରଫରୁ ଅନ୍ୟ ଏକ ଦାବିପତ୍ର ମଧ୍ୟ ଜିଲ୍ଲାପାଳଙ୍କୁ ଦିଆଯାଇଛି। ଏହି ଅବସରରେ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ସୁକାନ୍ତ ସ୍ୱାଇଁ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଯୋଗସେବା କେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ



ନରସିଂହପୁର,୨୭।୪(ସମିସ): ନରସିଂହପୁର ବ୍ଲକ ସଦର ମହକୁମା ଅଞ୍ଚଳରେ ବହୁ ପ୍ରତୀକ୍ଷିତ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଶିଳାନ୍ୟାସ ସୋମବାର ସମ୍ପନ୍ନ ହୋଇଯାଇଛି। କଟକ ସାଂସଦ ଭର୍ତ୍ତୃହରି ମହତାବ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ନୂତନ ପାଠାଗାର, ନରସିଂହପୁର ଡାକ୍ତରଖାନା ପରିସରରେ ଶବ ବ୍ୟବଚ୍ଛେଦ କକ୍ଷ ଏବଂ ହନୁମାନ୍ତିଆ ପୋଖରୀର ଉନ୍ନତିକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରସିଂହପୁର ବିଡିଓ ପ୍ରଜ୍ଞାନନ୍ଦ ଶତପଥୀ, ତହସିଲଦାର ଅମ୍ରିତା ସାହୁ ଏବଂ ବିଜେପି ଜିଲ୍ଲା (ଗ୍ରାମୀଣ) ସଭାପତି ରାମ ନାରାୟଣ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ବିଜୁଦତ୍ତ ପଟ୍ଟନାୟକ, ରାଜକିଶୋର ସାହୁ, ସରୋଜ ସାହୁ ଓ ସମିତିସଭ୍ୟ ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସରପଞ୍ଚଙ୍କ ଅନୁପସ୍ଥିତିରେ ପଞ୍ଚାୟତସ୍ତରୀୟ ଜନଶୁଣାଣି

**ଭତ୍ତା ବଣ୍ଟନକୁ ନେଇ ଜନଅସନ୍ତୋଷ**

କଣ୍ଟାପଡ଼ା,୨୭।୪(ସମିସ): କଣ୍ଟାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତରେ ସୋମବାର ଅନୁଷ୍ଠିତ ହୋଇଥିବା ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ସରପଞ୍ଚ ଓ ନାୟବ ସରପଞ୍ଚଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଡିଓ ସ୍ୱପ୍ନୀତା ନାୟକ ଓ ଏବିଡିଓ ରୁବି ତପସ୍ୱିନୀ ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣୁଥିବା ବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କ ଅନୁପସ୍ଥିତି ଶିବିରର ଗୁରୁତ୍ୱକୁ କ୍ଷୁଣ୍ଣ କରିଛି। ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗକାରୀମାନେ ପାନୀୟ ଜଳ, ରାସ୍ତା, ହରିଶ୍ଚନ୍ଦ୍ର ଯୋଜନା ଓ ଆବାସ ଯୋଜନା ସମ୍ବନ୍ଧୀୟ ବହୁ ସମସ୍ୟା ଉପସ୍ଥାପନ କରିଥିଲେ। ତେବେ ମାସର ୨୦ ତାରିଖ ସୁଦ୍ଧା ଅନ୍ୟ ପଞ୍ଚାୟତରେ ଭତ୍ତା ବଣ୍ଟନ ସରିଥିବା ବେଳେ ଅଡ଼ଶପୁରରେ ଅଦ୍ୟାବଧି ଏହା ବଣ୍ଟା ହୋଇ ନ ଥିବା ପ୍ରସଙ୍ଗ ଶିବିରରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଏବଂ ସରପଞ୍ଚଙ୍କ ମଧ୍ୟରେ ତାଳମେଳର ଅଭାବ ଯୋଗୁଁ ଏଭଳି ସମସ୍ୟା ଉପୁଜୁଛି ବୋଲି ଅଭିଯୋଗକାରୀମାନେ ମତ ରଖିଛନ୍ତି। ବିଡିଓ ସ୍ୱପ୍ନୀତା ନାୟକ ସମସ୍ତ ଅଭିଯୋଗର ଶୁଣାଣି କରିବା ସହ ସମସ୍ୟାଗୁଡ଼ିକର ଯଥାସମ୍ଭବ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଯୋଗସେବା କେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ



ଟିଗିରିଆ,୨୭।୪(ସମିସ): ଆଠଗଡ଼ ସହରସ୍ଥିତ ଯୋଗସେବା କେନ୍ଦ୍ରର ରଜତ ଜୟନ୍ତୀ ଉତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ରର ସଭାପତି ଡା. ଗୋକୁଳାନନ୍ଦ ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତପୁର ପ୍ରଜ୍ଞାନ ମିଶନର ପ୍ରମୁଖ ସ୍ୱାମୀ ଅଞ୍ଜନେୟାନନ୍ଦ ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ନିରଞ୍ଜନ ପାଢ଼ୀ ଏବଂ ସମ୍ମାନିତ ଅତିଥିଭାବେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ପ୍ରଫେସର ନରୋତ୍ତମ ଗାହାଣ ଓ ଡ. ବିଶ୍ୱରଞ୍ଜନ ରଥ ଯୋଗଦେଇ ଯୋଗର ଆବଶ୍ୟକତା ଓ କୌଶଳ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦିନେଶ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରର ପ୍ରତିଷ୍ଠାତା ସ୍ୱାମୀ ତ୍ରୟୋମ୍ବକେଶ୍ୱର ସରସ୍ୱତୀଙ୍କ ସ୍ମୃତିରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯଦୁମଣି ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ, ସୁବାସ ସ୍ୱାଇଁ ଓ ଗୀତାଲତା ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଦାଶିବ ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯତିସୁନ୍ଦର ମହାପାତ୍ର, ଶାଳିନୀ ଦାସ ଓ ରଶ୍ମିତା ମହାରଣା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମଧୁମାଟି ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟନ

**ସାଲିସ ବିହୀନ ନିରପେକ୍ଷ ସମ୍ବାଦ ପରିବେଷଣ କରିବାକୁ ଅତିଥିମାନଙ୍କ ପରାମର୍ଶ**

ସାଲେପୁର,୨୭।୪(ସମିସ)



ସାଲେପୁର ନବ ଗଠିତ ମଧୁମାଟି ସାମ୍ବାଦିକ ସଂଘର କାର୍ଯ୍ୟାଳୟ ଓଡିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ସଭାପତି ଶାରଦା ପ୍ରସନ୍ନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଶ୍ରୀ ମହାନ୍ତିଙ୍କ ସହ ଅତିଥି ଭାବେ ସିଦ୍ଧଗିରି ଆଶ୍ରମର ସାଧୁ ବାବା ବିଶ୍ୱନାଥ ଦାଶ ମହାରାଜ, ଓଡିଶା ସାମ୍ବାଦିକ ୟୁନିଅନ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାନ୍ତି, ସମ୍ପାଦକ ଅଜୟ ଦାସ, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ହଳଧର ସାହୁ, ଡ. ଉମେଶ ଚନ୍ଦ୍ର ପତି, ଶିକ୍ଷାବିତ ଡ. ଯୁଧିଷ୍ଠିର ଖଟୁଆ, ଚଳଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶ ଓ ସମାଜସେବୀ ମିହିର କୁମାର ଜେନା ଯୋଗଦେଇ ମଧୁମାଟି ସାମ୍ବାଦିକ ସଂଘରେ ଥିବା ପ୍ରତ୍ୟେକ ସଭ୍ୟ ନିରପେକ୍ଷ ସମ୍ବାଦ ପରିବେଷଣ କରି ରାଜ୍ୟର ସାମ୍ବାଦିକତା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ ବୋଲି ଉପସ୍ଥିତ ସାମ୍ବାଦିକଙ୍କୁ ପରାମର୍ଶ ଦେଇଥିଲେ। ଉଦଘାଟକ ଶ୍ରୀ ମହାନ୍ତି ଏହି ଅବସରରେ ସାମ୍ବାଦିକଙ୍କୁ ରାଜ୍ୟ ସରକାର ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତିକୁ ୨ ବର୍ଷ ହେଲା ପାଳନ କରୁ ନ ଥିବାରୁ ବର୍ତ୍ତମାନର ମୋହନ ସରକାରଙ୍କୁ ଶାଣିତ ଭାଷାରେ କଟାକ୍ଷ କରିଥଲେ। ବିଶେଷ କରି ସାମ୍ବାଦିକଙ୍କ ତିନୋଟି ଦାବି ପେନସନ, ପ୍ରୋଟେକ୍ସନ୍ ଓ ଆକ୍ରିଡେସନ୍‌କୁ ପୂରଣ ନ କଲେ ଆଗମୀ ଦିନରେ ଓଡ଼ିଶା ୟୁନିଅନ୍ ଅଫ ଜର୍ଣ୍ଣାଲିଷ୍ଟ ଆନ୍ଦୋଳନକୁ ତୀବ୍ର କରିବ ବୋଲି କହିଥିଲେ। ଆଗାମୀ ମଇ ଦିବସରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ପ୍ରତିବାଦ ସ୍ୱରୂପ ସାମ୍ବାଦିକମାନେ କଳାବ୍ୟାଜ ପିନ୍ଧିବାକୁ ଆହ୍ୱାନ ଦେଇଥିଲେ। ଏହି ଉଦଘାଟନୀ ପରିପେକ୍ଷୀରେ ସନ୍ଧ୍ୟା ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି, ବରିଷ୍ଠ ଉପ ସଭାପତି ଡ଼ଃ ହିମାଂଶୁ ଶେଖର ମହାନ୍ତି, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅରିନ୍ଦମ ରାୟ, ବିଜେପି ନେତା ତ୍ରିଲୋଚନା ପାତ୍ର, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରଞ୍ଜନ କୁମାର ରାଉତ ପ୍ରମୁଖ ଯୋଗଦେଇ ନବ ଗଠିତ ମଧୁବାବୁ ସାମ୍ବାଦିକ ସଂଘ ନିରବଚ୍ଛିନ୍ନ ଭାବରେ ସାଲେପୁର ସାମୂହିକ ବିକାଶ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରିବାକୁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଆଇନ ପରାମର୍ଶଦାତା ଆଡ଼ଭୋକେଟ ବିକ୍ରମ କେଶରୀ ବଳ, ଆଡ଼ଭୋକେଟ ଭାସ୍କର ଚନ୍ଦ୍ର ବେହେରା, ବିଜେପି ମଣ୍ଡଳ ସଭାପତି ଅସିତ ମହାନ୍ତି, ଶୋଭନ ସ୍ୱାଇଁ, ଯୁବନେତା କିରଣ ଭୂୟାଁ, ରାଧାନାଥ ସାହୁ, ଯଶୋବନ୍ତ ରାଉତ, ଅମୂଲ୍ୟ କର, ସନ୍ତୋଷ ଭୂୟାଁ, ସତ୍ୟ କର, ବିଜେଡି ବରିଷ୍ଠ ନେତା ରମେଶ ଜେନା, ନବକିଶୋର କର, ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ସଞ୍ଜୟ ବେହୁରା, ଶିବୁ ବେହେରା, ରାଜେଶ ମହାନ୍ତି, ସମିମ ଅଖତର, ବିଦ୍ଯୁ ଭୂଷଣ ସ୍ୱାଇଁ, ହରିହର ବେହେରା, ଶୁଭମ ଦାଶ, ବୁବୁ ଦୀକ୍ଷିତ, ଅଜମଲ ଖାଁ, ରାମଚନ୍ଦ୍ର ସାହୁ, ପ୍ରତାପ ଭୂୟାଁ, ଶିବୁ ବେହେରା, ଅଶ୍ୱିନୀ ଦାସ, ବରିଷ୍ଠ ଶିକ୍ଷାବିତ ଜଗବନ୍ଧୁ ଶତପଥି, ଡ. ସନ୍ତୋଷ ରାଉତ, ବିଷ୍ଣୁଚରଣ ମିଶ୍ର, ଅବତନ ଷଡଙ୍ଗୀ, ରଜନୀକାନ୍ତ ଦାଶ। ସମାଜସେବୀ ବିଶ୍ୱନାଥ ପଣ୍ଡା, ଶିଶିର ପଣ୍ଡା, ସୁନାକର ବରାଳ, ସରୋଜ ସ୍ୱାଇଁ, ନନ୍ଦକିଶୋର ଭୂୟାଁ ପ୍ରମୁଖଙ୍କ ସମେତ ଶତାଧିକ ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ। ସାଲେପୁର ସଙ୍ଗୀତ ନୃତ୍ୟ ଏକାଡେମୀ ଓ କଳାକେନ୍ଦ୍ରର ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟ ଓ କଣ୍ଠଶିଳ୍ପୀ ସୂର୍ଯ୍ୟଦିତ କରଙ୍କ ସୁମଧୁର ସଂଗୀତ ଉପସ୍ଥିତ ଦର୍ଶକ ଆନନ୍ଦର ସହ ଖୁବ ଉପଭୋଗ କରିଥିଲେ। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଘର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମିଶ୍ର, ବିସ୍ମିତ ଜେନା, ନାରାୟଣ ଓଝା, ଚିତ୍ତରଞ୍ଜନ କର, ରତିକାନ୍ତ ପଟ୍ଟନାୟକ, ଉମାକାନ୍ତ ଜେନା, ସଂଘର ସମ୍ପାଦକ ବିରଞ୍ଚି ନାରାୟଣ କର, ଉପ ସଭାପତି ପ୍ରଦୀପ ପରିଜା, ସହ ସମ୍ପାଦକ ବିନୟ ଦାଶ, ଇଂ ସନ୍ତୋଷ ସ୍ୱାଇଁ, କୋଷାଧକ୍ଷ ଅମୀୟ ରଞ୍ଜନ ବିଶ୍ୱାଳ, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ମୁଦୁଲି, ସାଂସ୍କୃତିକ ସମ୍ପାଦକ ଶେଖ ରହିମ ଉଦ୍ଦିନ, ସଦସ୍ୟ ଅଚ୍ୟୁତାନନ୍ଦ ଦୀକ୍ଷିତ, ସୟଦ ଆଲାମ ହୁସେନ, ବିଶ୍ୱଜିତ ଦଳେଇ, ସନ୍ତୋଷ ସାହୁ, ବାବୁଲା ବାରିକ, ସରୋଜ ମଲ୍ଲିକ, କୈଳାଶ ବେହେରା, ଭୈରବ ସେଠୀ, ପ୍ରସନ୍ନ ମହାପାତ୍ର, ଭାବଗ୍ରାହୀ ମିଶ୍ର, ଅଭୟ ସାହୁ, ଜଗବନ୍ଧୁ ମଲ୍ଲିକ, ସନ୍ତୋଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ନୂତନ ଦେୱାନୀ ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବଡ଼ମ୍ବା,୨୭।୪(ସମିସ): ବଡ଼ମ୍ବା ସିଭିଲ୍ ଜଜ୍ କୋର୍ଟରେ ନୂତନ ଦେୱାନୀ ଜଜ୍ ଭାବେ ସୌମ୍ୟା ପ୍ରଧାନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ସଂଘ ସଭାଗୃହରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଧୁ ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରିଚି ମିଳନ ପାତ୍ର, ନୂତନ ଜଜ୍ ଶ୍ରୀମତି ପ୍ରଧାନ ଓ ବରିଷ୍ଠ ଆଇନଜୀବୀ ସନ୍ତୋଷ ପଟ୍ଟନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ନୂତନ ନ୍ୟାୟଧୀଶ ଶ୍ରୀମତୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ଓକିଲ ସଂଘ ଓ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରହିଲେ ହିଁ ସାଧାରଣ ଲୋକ ଉଚିତ୍ ନ୍ୟାୟ ପାଇପାରିବେ। ସେ ସମସ୍ତ ଆଇନଜୀବୀଙ୍କ ସହ ଭାବ ବିନିମୟ କରିବା ସହ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ପ୍ରଭାତ ନାୟକ, ଉପସଭାପତି ପ୍ରମୋଦ ପୁହାଣ ଓ ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ସିଡିଏ କଲୋନୀରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ




ତ୍ରିଶୂଳିଆ,୨୭।୪(ସମିସ): ବାରଙ୍ଗ ବ୍ଲକ ତ୍ରିଶୂଳିଆ ଅଞ୍ଚଳର ସିଡିଏ କଲୋନୀ, ଫେଜ୍ -୨, ଏଲଆଇଜିରେ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲୋନୀର ସମସ୍ତ ବାସିନ୍ଦା ଏକତ୍ରିତ ହୋଇ ପରିବେଶ ପରିଷ୍କାର ଓ ସ୍ୱଚ୍ଛତା ବିଷୟରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ସେମାନେ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ସହ ସମାଜର ଅନ୍ୟମାନଙ୍କୁ ମଧ୍ୟ ଏହି ଦିଗରେ ପ୍ରେରିତ କରିଥିଲେ। ଏହି ସାମୂହିକ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା ଭୂରି ଭୂରି ପ୍ରଶଂସା କରିଥିବା ଜଣାପଡ଼ିଛି। ଏହା ମାଧ୍ୟମରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଏକ ଉଦାହରଣ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକ୍ରମକୁ ପାର୍ଥ ସୁନ୍ଦରାୟ, ଦେବେଶ ନନ୍ଦୀ, ସଞ୍ଜୟ ସିଂହ, ବିଶ୍ୱମ୍ବର ମିଶ୍ର ଓ ଗୁରୁଚରଣ ବାରିକ ମୁଖ୍ୟତଃ ନେତୃତ୍ୱ ଦେଇଥିଲେ। ଏଥିରେ ମହିଳା ଗ୍ରୁପର ସରୋଜିନୀ, ଅରୁଣିମା, ସରିତା ଓ ରିଙ୍କି ପରିଚାଳନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୪.୨୬
- ପାଉଣ୍ଡ ୧୨୬.୭୬
- ୟୁରୋ ୧୦୯.୯୫
- ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୦,୯୦୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)



- ସେନ୍‌ସେକ୍ସ ୭୭,୩୦୩.୦୦
- ନିଫ୍ଟି ୨୪,୦୯୨.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)



- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

**ନାମକୁ ମାତ୍ର ସ୍ୱାସ୍ଥ୍ୟ ବୀମା**

# ହିତାଧିକାରୀଙ୍କ ଉପରେ ୯୫% ଚିକିତ୍ସା ଖର୍ଚ୍ଚ

ନୂଆଦିଲ୍ଲୀ,୨୭।୪(ଏଜେନ୍ସି)

ଦେଶରେ ସ୍ୱାସ୍ଥ୍ୟ ବୀମା ନେଉଥିବା ଲୋକଙ୍କ ସଂଖ୍ୟା ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଠିକ୍ ଏହି ସମୟରେ, ସ୍ୱାସ୍ଥ୍ୟ ବୀମା ଦାବି ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ଚିତ୍ର ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟ ବୀମା କିମ୍ବା ସ୍ୱାସ୍ଥ୍ୟ ବୀମା ଯୋଜନା ନେଇଥିବା ସତ୍ତ୍ୱେ, ରୋଗୀମାନଙ୍କୁ

**ଏନ୍‌ଏସ୍‌ଓ ଘରୋଇ ଉପଯୋଗିତା ସର୍ଭେ ରିପୋର୍ଟରେ ବଡ଼ ଖୁଲାସା**



ସେମାନଙ୍କର ଚିକିତ୍ସା ଖର୍ଚ୍ଚର ଏକ ବଡ଼ ଅଂଶ ନିଜ ପକେଟରୁ କିମ୍ବା ଋଣ କରି ଦେବାକୁ ପଡ଼ୁଛି। ୨୦୨୫ ବର୍ଷ ପାଇଁ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ର ସଦ୍ୟତମ ସର୍ଭେ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ୨୦୨୫ ଜାନୁଆରୀ ଏବଂ ଡିସେମ୍ବର ମଧ୍ୟରେ କରାଯାଇଥିବା ଘରୋଇ ଉପଯୋଗିତା ସର୍ଭେ ରିପୋର୍ଟ ଅନୁଯାୟୀ, ପରିବାରଗୁଡ଼ିକୁ ଏବେ ବି ଡାକ୍ତରଖାନାରେ ଭର୍ତ୍ତି ହେବା ସମୟରେ ଚିକିତ୍ସା ଖର୍ଚ୍ଚର ଏକ ବଡ଼ ଅଂଶ ସେମାନଙ୍କ ସଞ୍ଚୟ ଋଣ କିମ୍ବା ସେମାନଙ୍କର ସମ୍ପତ୍ତି ବିକ୍ରି କରି ଭରିବାକୁ ପଡୁଛି। ସର୍ଭେ ଅନୁଯାୟୀ, ୨୦୧୭-୧୮ ତୁଳନାରେ ଦେଶରେ ସ୍ୱାସ୍ଥ୍ୟ କଭରେଜରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ବେଳେ, ବୀମାକାରୀଙ୍କ ପକେଟ୍‌ରୁ ଖର୍ଚ୍ଚ (ଓଓପିଇ)ରେ କୌଣସି ଉଲ୍ଲେଖନୀୟ ଉନ୍ନତି ହୋଇନାହିଁ।

ଦେଶର ଗ୍ରାମାଞ୍ଚଳ କ୍ଷେତ୍ରରେ ସରକାରୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ କଭରେଜ୍ ୧୩% ରୁ ୪୬% ବୃଦ୍ଧି ପାଇଛି। ରୋଗୀମାନେ ହସ୍ପିଟାଲରେ ଭର୍ତ୍ତି ହେବା ସମୟରେ ୩୩,୦୦୦ ଟଙ୍କା ଖର୍ଚ୍ଚର ହାରାହାରି ୩୩,୦୦୦ ଟଙ୍କା ର ୯୫% କିମ୍ବା ପ୍ରାୟ ୩୧,୫୦୦ ଟଙ୍କା ଖର୍ଚ୍ଚ ବହନ କରୁଛନ୍ତି। ତେବେ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବା କଭରେଜ୍ ୯% ରୁ ୩୨% ବୃଦ୍ଧି ପାଇଛି। ସହରାଞ୍ଚଳରେ ହସ୍ପିଟାଲରେ ଭର୍ତ୍ତିର ହାରାହାରି ଖର୍ଚ୍ଚ ୪୭,୦୦୦ ଟଙ୍କା, ଯାହା ମଧ୍ୟରୁ ୮୩% କିମ୍ବା ପ୍ରାୟ ୩୯,୦୦୦ ଟଙ୍କା ରୋକୀ ପକେଟରୁ ଖର୍ଚ୍ଚ କରୁଛନ୍ତି।

ଅପରପକ୍ଷେ ଗତ ୭-୮ ବର୍ଷ ମଧ୍ୟରେ ହସ୍ପିଟାଲରେ ରୋଗୀଙ୍କ ଭର୍ତ୍ତି ହେବା ଖର୍ଚ୍ଚ ପ୍ରାୟ ଦ୍ୱିଗୁଣିତ ହୋଇଛି। ଗ୍ରାମାଞ୍ଚଳରେ ଚିକିତ୍ସା ଖର୍ଚ୍ଚରେ ୯୭% ବୃଦ୍ଧି ଘଟିଥିବାବେଳେ ସହରାଞ୍ଚଳରେ ଏହା ୭୭% ହୋଇଛି। ଘରୋଇ ହସ୍ପିଟାଲରେ ଚିକିତ୍ସା ସରକାରୀ ହସ୍ପିଟାଲ ତୁଳନାରେ ବହୁତ ମହଙ୍ଗା ହୋଇଯାଇଛି, ଯାହା ଏହି ଖର୍ଚ୍ଚ ବୃଦ୍ଧିର ମୁଖ୍ୟ କାରଣ। ରିପୋର୍ଟ ଦର୍ଶାଉଛି ଯେ ପ୍ରସବ ସମୟରେ ଚିକିତ୍ସା ଖର୍ଚ୍ଚ ଏବଂ ପକେଟରୁ ଖର୍ଚ୍ଚ (ଓଓପିଇ) ପ୍ରାୟ ସମାନ। ତଥାପି, ଗ୍ରାମାଞ୍ଚଳ ତୁଳନାରେ ସହରୀ ଭାରତରେ ସ୍ୱାସ୍ଥ୍ୟ ସୁବିଧାର ପହଞ୍ଚ ଟିକିଏ ଭଲ ହେଉଛି।

# ମେ' ପହିଲାରୁ ପୁଣି ମହଙ୍ଗା ହୋଇପାରେ ଏଲ୍‌ପିଜି ସିଲିଣ୍ଡର




ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ପଶ୍ଚିମ ଏସିଆ ବିବାଦରେ ଏ ଯାଏ ପଡିନି ପୂର୍ଣ୍ଣଛେଦ। ଫେବୃଆରୀ ଶେଷ ଭାଗରୁ ଆରମ୍ଭ ହୋଇଥିବା ଏହି ବିବାଦ ସାରା ବିଶ୍ୱରେ ଶକ୍ତି ବଜାରକୁ ବିପର୍ଯ୍ୟସ୍ତ କରିଦେଇଛି। ହେଲେ ଭାରତୀୟ ପରିବାରଗୁଡିକୁ ଗ୍ୟାସ ସିଲିଣ୍ଡର ଆକାରରେ ଏହାର ଝଟ୍‌କା ଅନୁଭୂତ ହେଉଛି। ମେ' ମାସ ଆସିବା ସହିତ, ଏଲ୍‌ପିଜି ବୁକିଂ ଏବଂ ବିତରଣ ନିୟମରେ ଆହୁରି ପରିବର୍ତ୍ତନ ଆଶା କରାଯାଉଛି। ସଙ୍କଟ ଆରମ୍ଭ ହେବା ପରଠାରୁ କାର୍ଯ୍ୟକାରୀ ହୋଇଥିବା ପଦକ୍ଷେପଗୁଡ଼ିକର ଏହା ଆଉ ଏକ ପଦକ୍ଷେପ ହେବ।

ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ, ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି କରିଛନ୍ତି। ମାତ୍ର ଗୋଟିଏ ମାସରେ ୧୯ କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ତିନିଥର ବୃଦ୍ଧି ହୋଇଛି। ରିପୋର୍ଟ ଅନୁଯାୟୀ, ମେ' ପହିଲାରୁ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ଆଉ ଏକ ବଡ଼ ପରିବର୍ତ୍ତନ ଆଶଙ୍କା କରାଯାଉଛି। ରିପୋର୍ଟ ଅନୁଯାୟୀ, ଇଣ୍ଡିଆନ୍ ଅଏଲ୍,

**ବଦଳିପାରେ ବୁକିଂ ନିୟମ**

ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ମଧ୍ୟ ନୂତନ ଡେଲିଭରି ଏବଂ ବୁକିଂ ନିୟମକୁ ନେଇ କିଛି ନୂଆ ନିୟମ ଆଣିପାରେ। ଓଟିପି ଜରିଆରେ ଗ୍ୟାସ୍ ସିଲିଣ୍ଡର ଡେଲିଭରି ସ୍ଥାୟୀ ହୋଇପାରେ। ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପୂର୍ବରୁ ବୁକିଂ ନିୟମକୁ କଡ଼ାକଡ଼ି କରିସାରିଛି। ସହରାଞ୍ଚଳରେ ଦୁଇଟି ବୁକିଂ ମଧ୍ୟରେ ସମୟ ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଛି। ସେହିପରି, ଗ୍ରାମାଞ୍ଚଳରେ ଏହାକୁ ୪୫ ଦିନକୁ ବୃଦ୍ଧି କରାଯାଇଛି। ବର୍ତ୍ତମାନର ଓଟିପି-ଆଧାରିତ ଡେଲିଭରି ପ୍ରମାଣୀକରଣ ବ୍ୟବସ୍ଥା ବର୍ତ୍ତମାନ ସ୍ଥାୟୀ ଭାବରେ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି।

# ବେଦାନ୍ତ ଆଲୁମିନିୟମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା



ଭୁବନେଶ୍ୱର, ୨୭।୪(ସିମସ) : ବେଦାନ୍ତ ଆଲୁମିନିୟମ ନିଜର ପ୍ରମୁଖ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମଏଚୟୁ) ସେବା ଜରିଆରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୮ଟି ଦୁର୍ଗମ ଗ୍ରାମର ୫୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ଗତ ତିନି ବର୍ଷ ମଧ୍ୟରେ, କମ୍ପାନୀ ୩୦୦୦ ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଛି, ଯାହା ଦୁର୍ଗମ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ଜରିଆରେ ବେଦାନ୍ତ ଆଲୁମିନିୟମ୍ ମାଗଣା ଚିକିତ୍ସା ପରାମର୍ଶ, ମ୍ୟାଲେରିଆ ଏବଂ ଋତୁକାଳୀନ ରୋଗ ନୀରିକ୍ଷଣ, ଡାଇବେଟିସ୍ ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଛି, ଏବଂ ରକ୍ତହୀନତା, ସ୍ତନ୍ୟପାନ, ଋତୁସ୍ରାବ ସ୍ୱଚ୍ଛତା, କୃମି ଦୂରୀକରଣ, ତମାଖୁ ବନ୍ଦ କରିବା, ଅଂଶୁଘାତ ମୁକାବିଲା, ମ୍ୟାଲେରିଆ ନିୟନ୍ତ୍ରଣ ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୦୦୦ ରୁ ଅଧିକ ସଂରଚିତ ସ୍ୱାସ୍ଥ୍ୟ ସଚେତନ ଶିବିର ଆୟୋଜନ କରିଛି। ରକ୍ତହୀନତା, ପାକସ୍ଥଳୀ ସମ୍ବନ୍ଧୀୟ ରୋଗ, ଗଣ୍ଠି ଯନ୍ତ୍ରଣା, ଶ୍ୱାସକ୍ରିୟା ସଂକ୍ରମଣ, ଫଙ୍ଗସ୍ ସଂକ୍ରମଣ ଏବଂ ଚର୍ମ ରୋଗ ଭଳି ସାଧାରଣ ରୋଗର ଚିକିତ୍ସା ସହିତ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଭଳି ଦୀର୍ଘସ୍ଥାୟୀ ରୋଗ ପାଇଁ ନିୟମିତ ଅନୁଧ୍ୟାନ ସହିତ ଶୀଘ୍ର ରୋଗ ନିର୍ଣ୍ଣୟ ଏବଂ ନିୟମିତ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି।

# ଆର୍‌ଏସ୍‌ବି ଫାଉଣ୍ଡେସନ ପକ୍ଷରୁ ହସ୍ତତନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର,୨୭।୪(ସମିସ): ଆରଏସବି ଫାଉଣ୍ଡେସନ ପକ୍ଷରୁ ନୂଆଦିଲ୍ଲୀର ନ୍ୟାସନାଲ କ୍ରାଫ୍ଟସ ମ୍ୟୁଜିୟମଠାରେ ଓଡ଼ିଶା, ଝାଡ଼ଖଣ୍ଡ,




ପଶ୍ଚିମବଙ୍ଗ ଏବଂ ଆସାମର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରତର ପ୍ରତିଟି ସୂତା ଏବଂ ରଙ୍ଗ ମଧ୍ୟରେ ଆମ ଶିଳ୍ପୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ବହୁ ପୁରାତନ ପରମ୍ପରା ଲୁଚି ରହିଛି। ସେମାନେ କେବଳ କାରିଗର ନୁହନ୍ତି, ବରଂ ଭାରତର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରକୃତ ବାହକ ବୋଲି ପ୍ରଦର୍ଶନୀକୁ ଉଦଘାଟନ କରି କହିଛନ୍ତି କେନ୍ଦ୍ର ଶିକ୍ଷା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ ଥିଲା 'କୃଷ୍ଣ'। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନର କଳ୍ପନା କରିଛନ୍ତି, ଯାହା ଏକ ଯୁଗାନ୍ତକାରୀ ପଦକ୍ଷେପ। ପୂର୍ବ ଭାରତର ବିକାଶ ହେଲେ ହିଁ ସମଗ୍ର ଭାରତର ବିକଶ ହେବ। ସେହିପରି ବର୍ତ୍ତମାନ ସମୟରେ ଏହି କାରିଗରୀକୁ ଇ-କମର୍ସ ପ୍ଲାଟଫର୍ମରେ ଅଧିକ ଯୋଡିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

# ଆମାଜନ୍‌ରେ ଫାର୍ମ ଫ୍ରେଶ୍ ଆମ୍ବ ବିକ୍ରି

ନୂଆଦିଲ୍ଲୀ,୨୭।୪: ଆମାଜନ ଡଟ୍ ଇନ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଭାରତର ସର୍ବୋତମ ଆମ୍ବ କିସମ ଯେପରିକି ଆଲ୍‌ଫାନ୍ସୋ, ରସପୁରୀ, ସିନ୍ଧୁରୀ, ସଫେଦା,କେଶର ଆଦିକୁ ଏକତ୍ରିତ କରି ଫାର୍ମରୁ ସତେଜ ଆମ୍ବଗୁଡିକୁ ଗ୍ରାହକଙ୍କ ଘରେ ପହଞ୍ଚାଉଛି। କେବଳ ତାଜା ଫଳ ନୁହେଁ ଆମାଜନ ମ୍ୟାଙ୍ଗୋ ଆଇସ୍‌କ୍ରିମଠାରୁ ଆରମ୍ଭ କରି ଆମ୍ ରସ୍, ଆଚାର ଓ ପାନୀୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ଋତୁର ସମ୍ପୂର୍ଣ୍ଣ ସ୍ୱାଦ ଉପଲବ୍ଧ କରୁଛି। ଆମାଜନ ନାଓରେ "ଆମ୍-ଏଜିଂ" ଷ୍ଟୋର୍‌ଫ୍ରଣ୍ଟ କୁଲ୍‌ଫି, ଶ୍ରୀଖଣ୍ଡ, ଆମରସ ସହ ଫାର୍ମ ଫ୍ରେଶ ଆମ୍ବ, ପାନୀୟ, ଆଚାର, ମିଠା ଆଦି ସବୁକିଛି ୭୦% ପର୍ଯ୍ୟନ୍ତ ରିହାତିରେ ଉପଲବ୍ଧ କରି ଆମ୍ବ ଋତୁର ସମ୍ପୂର୍ଣ୍ଣ ସ୍ୱାଦକୁ ଏକାଠି କରିଛି। ସେହିପରି ସର୍ବୋତମ ଉତ୍ପାଦ ଖୋଜୁଥିବା ଲୋକଙ୍କ ପାଇଁ ଏଠାରେ ସୁପରପ୍ଲମ ଓ ପ୍ଲକ୍‌ରୁ ସ୍ୱତନ୍ତ୍ର ଚୟନ ମଧ୍ୟ ଉପଲବ୍ଧ ରହିଛି। ଏହି ସବୁ ଉତ୍ପାଦକୁ ଦିଲ୍ଲୀ-ଏନସିଆର, ମୁମ୍ବାଇ ଓ ବେଙ୍ଗାଲୁରୁରେ କିଛି ମିନିଟ୍ ମଧ୍ୟରେ ନିର୍ଦ୍ଧାରିତ ପିନକୋଡରେ ବିତରଣ କରାଯାଉଛି।

# ଏଆଇ-ପରିଚାଳିତ ଡେଲ୍-୧୫ ବଜାରରେ



ମୁମ୍ବଇ,୨୭।୪: ଡେଲ୍ ଟେକ୍ନୋଲୋଜିସ ପକ୍ଷରୁ ଆଜି ଭାରତରେ ଡେଲ୍ ୧୫ ର ଶୁଭାରମ୍ଭ କରାଯାଇଛି। ଆରୋ ଲେକ୍ ଆର୍କିଟେକ୍‌ଚର ସହ ଇଣ୍ଟେଲ କୋର ଅଲ୍‌ଟ୍ରା ୨ ସିରିଜ୍ ଏଚ ପ୍ରୋସେସର ଏବଂ ଆଡ୍‌ଭାନ୍ସଡ ଅନ୍-ଡିଭାଇସ ଏଆଇ ପାଇଁ ଏକ ଡେଡିକେଟେଡ ଏନପିୟୁ ଦ୍ୱାରା ପରିଚାଳିତ ଡେଲ୍ ୧୫, ପାଠ ପଢିବା, କାର୍ଯ୍ୟ କରିବା କିମ୍ବା ନିଜ ପରିବାର ଓ ବନ୍ଧୁମାନଙ୍କ ସହ ଯୋଗାଯୋଗ ସମୟରେ ଉପଭୋକ୍ତାଙ୍କୁ ସ୍ମାର୍ଟ, ସହଜ ମଲ୍ଟିଟାସ୍କିଙ୍ଗ ପାଇଁ ସଶକ୍ତ କରିଥାଏ। ଏହି ଡିଭାଇସ ଇଣ୍ଟେଲ କୋର୍ ଅଲ୍‌ଟ୍ରା ୫ ୨୨୫ଏଚ ଓ କୋର୍ ଅଲ୍‌ଟ୍ରା ୭ ୨୫୫ଏଚ କନ୍‌ଫିଗରେଶନରେ ଉପଲବ୍ଧ। ଡେଲ୍ ୧୫ର ପ୍ରାରମ୍ଭିକ ମୂଲ୍ୟ ୬୯,୬୯୯ ଟଙ୍କା ରହିଛି। ଏହାର କ୍ରୟ ଉପରେ ବିଭିନ୍ନ ବ୍ୟାଙ୍କ ଅଫର୍ ଓ ସହଜ ଋଣ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ନୂଆ ଡେଲ୍ ୧୫ ଡିଭାଇସ କ୍ରୟ ପାଇଁ ଡେଲ୍‌ଡଟ୍‌କମ୍ ଡିଇଏସ, ବଡ ଫର୍ମାଟର ରିଟେଲ ଓ ମଲ୍ଟି-ବ୍ରାଣ୍ଡ ଆଉଟଲେଟରେ ଉପଲବ୍ଧ ହେବ।

# ୧୬ ବର୍ଷ ପରେ ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୭।୪(ଏଜେନ୍ସି)

ଦୀର୍ଘ ୧୬ ବର୍ଷ ପରେ ଶେଷରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଛି ମୁକ୍ତ ବାଣିଜ୍ୟ ଚୁକ୍ତି ବା ଫ୍ରି ଟ୍ରେଡ୍ ଏଗ୍ରୀମେଣ୍ଟ(ଏଫ୍‌ଟିଏ)। ସୋମବାର ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ପରେ ନ୍ୟୁଜିଲ୍ୟାଣ୍ଡକୁ ୧୦୦% ଭାରତୀୟ ରପ୍ତାନି

- **୧୦୦% ଭାରତୀୟ ରପ୍ତାନି ଟିକସମୁକ୍ତ**
- **୧୫ ବର୍ଷ ମଧ୍ୟରେ ନ୍ୟୁଜିଲ୍ୟାଣ୍ଡ ଭାରତରେ କରିବ ୧.୮ ଲକ୍ଷ କୋଟି ନିବେଶ**

ଟିକସମୁକ୍ତ ହୋଇଯିବ। ଆହୁରିମଧ୍ୟ ଚୁକ୍ତି ଅନୁଯାୟୀ, ଭାରତରୁ ନ୍ୟୁଜିଲ୍ୟାଣ୍ଡକୁ ପଠାଯାଉଥିବା ଚମଡ଼ା ଉତ୍ପାଦ, କପଡ଼ା, ପ୍ଲାଷ୍ଟିକ୍ ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଉପରେ କୌଣସି ରପ୍ତାନି ଶୁଳ୍କ ଲାଗିବନାହିଁ। ଫଳରେ ଭାରତରେ ଏହି ଶ୍ରମ-କେନ୍ଦ୍ରିକ କ୍ଷେତ୍ରଗୁଡ଼ିକ ସିଧାସଳଖ ଲାଭବାନ ହେବେ। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲ୍ୟାଣ୍ଡ ବାଣିଜ୍ୟ ମନ୍ତ୍ରୀ ଟଡ୍ ମ୍ୟାକକ୍ଲେ ଉଭୟ ଏଫ୍‌ଟିଏ ସର୍ତ୍ତରେ ସ୍ୱାକ୍ଷର କରି ସହମତି ପ୍ରକାଶ କରିଛନ୍ତି।

ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏହାକୁ ପିଢ଼ିରେ ଥରେ ହେଉଥିବା ଚୁକ୍ତି ବୋଲି କହିଥିବା ବେଳେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏହାକୁ ଭାରତ-ନ୍ୟୁଜିଲ୍ୟାଣ୍ଡ ଆର୍ଥିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି କହିଛନ୍ତି। ଶ୍ରୀ ଗୋୟଲ କହିଛନ୍ତି ଯେ ଏହି



ଏଫ୍‌ଟିଏ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ସମାନ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହି ଚୁକ୍ତିନାମା ଭାରତ ପାଇଁ ଓସେନିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ବଜାରରେ ପ୍ରବେଶ ପାଇଁ ଏକ ପ୍ରବେଶପଥ ଭାବରେ ମଧ୍ୟ କାର୍ଯ୍ୟ କରିବ। ଏହି ଚୁକ୍ତିନାମାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ଏବଂ ଭାରତରେ ବିପୁଳ ପରିମାଣର ବିଦେଶୀ ନିବେଶକୁ ଆକର୍ଷିତ କରିବା। ଚୁକ୍ତି ଅନୁଯାୟୀ, ନ୍ୟୁଜିଲ୍ୟାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ବିଲିୟନ ଡଲାର (ପ୍ରାୟ ୧.୮ ଲକ୍ଷ କୋଟି) ନିବେଶ କରିବ ବୋଲି ଆଶା କରାଯାଉଛି। ଏଫ୍‌ଟିଏରେ ଏକ ନୂଆ ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିସା ମାର୍ଗ ସୃଷ୍ଟି କରାଯାଇଛି, ଯାହା ପ୍ରତିବର୍ଷ ୫,୦୦୦ ଭାରତୀୟ ଦକ୍ଷ ବୃତ୍ତିଗତଙ୍କୁ ନ୍ୟୁଜିଲ୍ୟାଣ୍ଡରେ ତିନି ବର୍ଷ ପର୍ଯ୍ୟନ୍ତ କାମ କରିବାକୁ ଅନୁମତି ମିଳିବ। ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ ବିଶେଷ ସୁଯୋଗ ରହିବ। ଏହା ବ୍ୟତୀତ, ଭାରତୀୟ ମଦ ଏବଂ ସ୍ପିରିଟ୍ ନ୍ୟୁଜିଲ୍ୟାଣ୍ଡ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ପାଇବ।

ଅପରପକ୍ଷେ ଏହି ଚୁକ୍ତିରେ ନ୍ୟୁଜିଲାଣ୍ଡକୁ କୃଷି ଉତ୍ପାଦ ଉପରେ ରିଆତି ମିଳିଥିବାବେଳେ ଦୁଗ୍ଧ ଉପରେ କୌଣସି ଛାଡ଼ ନାହିଁ ଭାରତ। ଭାରତ ନ୍ୟୁଜିଲାଣ୍ଡକୁ ଭାରତୀୟ ବଜାରରେ ପ୍ରବେଶ ଦେବା ପାଇଁ ଏହାର ୭୦% ଟାରିଫ୍ ଲାଇନ ଖୋଲି ଦେଇଛି। ଏଥିରେ ସେଓ, କିୱିଫ୍ରୁଟ୍ ଏବଂ ମାନୁକା ମହୁ ଭଳି କୃଷି ଉତ୍ପାଦ ଉପରେ ଟାରିଫ୍ ରିଆତି ରଖାଯାଇଛି। କିନ୍ତୁ ଏଗୁଡ଼ିକ କୋଟା ସୀମା ଏବଂ ସର୍ବନିମ୍ନ ଆମଦାନୀ ମୂଲ୍ୟ ଉପରେ ନିର୍ଭର କରିବ। ଏହାସହିତ, ନ୍ୟୁଜିଲାଣ୍ଡ ୫୪%ରୁ ଅଧିକ ସାମଗ୍ରୀ ଭାରତକୁ ବିନା ଶୁଳ୍କରେ ରପ୍ତାନୀ କରିପାରିବ। ନ୍ୟୁଜିଲ୍ୟାଣ୍ଡ ସହ ଚୁକ୍ତିରେ ଭାରତ ପାଇଁ ସବୁଠାରୁ ବଡ଼ ଲାଭ ହେଉଛି ଏହାର ସମସ୍ତ ୮,୨୮୪ ରପ୍ତାନିଭିତ୍ତିକ ଉତ୍ପାଦ ପ୍ରଥମ ଦିନରୁ ହିଁ ନ୍ୟୁଜିଲାଣ୍ଡ ବଜାରରେ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ ହେବ। ତେବେ ଚୁକ୍ତି ପୂର୍ବରୁ, ଭାରତୀୟ ରପ୍ତାନିରେ ହାରାହାରି ୨.୨% ଶୁଳ୍କ ଲାଗୁ ହେଉଥିଲା, କିଛି ଶ୍ରମ-ଭାରୀ କ୍ଷେତ୍ର ଯେପରିକି ବୟନ ଏବଂ ଚମଡା ଉପରେ ୧୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରୁଥିଲା ନ୍ୟୁଜିଲାଣ୍ଡ। ହେଲେ ଏବେ ଏହା ଶୂନ୍ୟ ଶୁଳ୍କ ହୋଇଯିବ। ଫଳରେ ଭାରତର ପୋଷାକ, ଚମଡା, ଇଞ୍ଜିନିୟରିଂ ସାମଗ୍ରୀ, ରାସାୟନିକ ପଦାର୍ଥ, ଇଲେକ୍ଟ୍ରୋନିକ୍ସ ଏବଂ ଖାଦ୍ୟ ଉତ୍ପାଦ ଭଳି କ୍ଷେତ୍ରକୁ ଲାଭବାନ ହେବେ। ଭାରତୀୟ ଔଷଧୀୟ ଉତ୍ପାଦକୁ ମଧ୍ୟ ସହଜରେ ପ୍ରବେଶ ମିଳିବ।

# ସୀମା ଶୁଳ୍କ ଦେୟ ସହଜ କଲା ଆଇଡିଏଫସି ଫାଷ୍ଟ୍

ମୁମ୍ବଇ,୨୭।୪ : ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଆଜି ଏହାର ବ୍ୟକ୍ତିଗତ ଏବଂ ବ୍ୟବସାୟିକ ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ସେବାର ଶୁଭାରମ୍ଭ ଘୋଷଣା କରିଛି। ଏହାଦ୍ୱାରା ଆଇସଗେଟ ୨.୦ ସହିତ ଯୋଡିହୋଇ କଷ୍ଟମ୍ସ ଡ୍ୟୁଟି, ସେଣ୍ଟ୍ରାଲ୍ ଏକ୍ସାଇଜ୍ ଏବଂ ସର୍ଭିସ୍ ଟ୍ୟାକ୍ସର ସହଜ ଡିଜିଟାଲ୍ ପେମେଣ୍ଟ କରାଯାଇପାରିବ। ଏହି ସୁବିଧା ଆସିବା ପରେ, ଗ୍ରାହକମାନେ ଆଇସଗେଟ ପୋର୍ଟାଲ୍ ମାଧ୍ୟମରେ ସହଜରେ ଟ୍ୟାକ୍ସ ପେମେଣ୍ଟ ଆରମ୍ଭ କରିପାରିବେ ଏବଂ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ରିଟେଲ୍ ଓ କର୍ପୋରେଟ୍ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ପ୍ଲାଟଫର୍ମ ବ୍ୟବହାର କରି ପେମେଣ୍ଟ ସମ୍ପୂର୍ଣ୍ଣ କରିପାରିବେ। ଏହି ପ୍ଲାଟଫର୍ମ ଗ୍ରାହକମାନଙ୍କୁ ତତ୍କାଳ ଟ୍ରାଞ୍ଜାକ୍ସନ୍ ସଫଳ ହେବାର ମେସେଜ,ଏକ ସହଜ ଅନଲାଇନ୍ ସୁବିଧା ଏବଂ ରେକର୍ଡ ରଖିବା ଓ ମେଳକ କରିବା ପାଇଁ ସଙ୍ଗେ ସଙ୍ଗେ ଚାଲାଣ ଡାଉନଲୋଡ୍ କରିବାର ସୁବିଧା ଯୋଗାଇଥାଏ। ଏହି ଶୁଭାରମ୍ଭ ସମ୍ପର୍କରେ ମତ ଦେଇ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ରିଟେଲ୍ ଲାଏବିଲିଟିଜ୍ ମୁଖ୍ୟ ଶ୍ରୀ ଆଶିଷ ସିଂହ କହିଛନ୍ତି, ଆଇସଗେଟ ୨.୦ ରେ ଲାଇଭ୍ ହେବା ଦ୍ୱାରା, ଆମେ ଆମଦାନୀକାରୀ, ରପ୍ତାନୀକାରୀ ଏବଂ ବ୍ୟବସାୟୀମାନଙ୍କୁ ସେମାନଙ୍କର ଡାଇରେକ୍ଟ ଟ୍ୟାକ୍ସ ଏବଂ ଜିଏସଟି ପେମେଣ୍ଟ ପରି ସମାନ ବିଶ୍ୱାସ ଏବଂ ସହଜତାର ସହ ଏହି ଟିକସ ଦେୟଗୁଡ଼ିକୁ ଡିଜିଟାଲ୍ ମାଧ୍ୟମରେ ପୂରଣ କରିବାକୁ ସକ୍ଷମ କରୁଛୁ।

# ଟ୍ରମ୍ପ୍‌ଙ୍କୁ ଭୋଟ୍ ଦେଇ ଆମେରିକୀୟଙ୍କ ପଶ୍ଚାତାପ

**ଖାଦ୍ୟଠୁ ପେଟ୍ରୋଲ ଓ ବିଦ୍ୟୁତ୍ ସବୁ ମହଙ୍ଗା**

ୱାଶିଂଟନ୍,୨୭।୪(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ନେଇ ବର୍ତ୍ତମାନ କେବଳ ବିଶ୍ୱ ବାସୀ ନୁହଁନ୍ତି, ଖୋଦ୍ ଆମେରିକାବାସୀ ବଡ଼ ଚିନ୍ତାରେ ଅଛନ୍ତି। କାରଣ ବର୍ତ୍ତମାନ ଦେଶରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପେଟ୍ରୋଲ, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ଖର୍ଚ୍ଚ ଆମେରିକାବାସୀଙ୍କ ପରିବାର ବଜେଟ୍ ଉପରେ ଚାପ ସୃଷ୍ଟି କରୁଛି। ଫଳରେ ଏବେ ଅନେକ ଆମେରିକାବାସୀ ଟ୍ରମ୍ପ୍‌ଙ୍କୁ ଭୋଟ ଦେଇ ପଶ୍ଚାତାପ କରୁଛନ୍ତି। ସେମାନେ ଟ୍ରମ୍ପଙ୍କଠାରୁ ଆଶ୍ୱସ୍ତି ଆଶା କରିଥିଲେ, କିନ୍ତୁ ନୂତନ ଶୁଳ୍କ ଏବଂ ପଶ୍ଚିମ ଏସୀୟ ଉତ୍ତେଜନା ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି।

ଆମେରିକାରେ ତେଜରାତି, ପେଟ୍ରୋଲ, ବିଦ୍ୟୁତ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟରେ ଦ୍ରୁତ ବୃଦ୍ଧି ଲକ୍ଷ ଲକ୍ଷ ପରିବାରଙ୍କ ବଜେଟକୁ ଚାପ ପକାଇଛି। ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ନୂତନ ଆମେରିକୀୟ ଶୁଳ୍କ ଏବଂ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ଶକ୍ତି ମୂଲ୍ୟରେ ବୃଦ୍ଧି ପରିସ୍ଥିତିକୁ ଆହୁରି ଜଟିଳ କରିଛି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଯେତେବେଳେ ଆମେରିକୀୟ ପରିବାରଗୁଡିକ ଟିକେ ଆର୍ଥିକ ଆଶ୍ୱସ୍ତି ଅନୁଭବ କରିବା ଆରମ୍ଭ କରିଥିଲେ, ସେତେବେଳେ ବୃଦ୍ଧି ପାଉଥିବା ମୂଲ୍ୟ ପୁଣି ସେମାନଙ୍କର କଷ୍ଟକୁ ବଢ଼ାଇଦେଇଛି। ଏହା ଗ୍ରାହକଙ୍କ ଖର୍ଚ୍ଚ ଏବଂ ଆର୍ଥିକ ଅଭିବୃଦ୍ଧି ଉଭୟକୁ ପ୍ରଭାବିତ କରିପାରେ। କାଲିଫର୍ଣ୍ଣିଆର ଜଣେ ମହିଳାଙ୍କ କହିବାନୁଯାୟୀ, ଆମେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭୋଟ୍ ଦେଇଥିଲୁ, କାରଣ ସେ ଜିନିଷଗୁଡ଼ିକୁ ଉନ୍ନତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଆମ ସହ ବିଶ୍ୱାସଘାତକତା କରିଥିବା ଅନୁଭବ କରୁଛୁ। ଆମର ମାସିକ ଖର୍ଚ୍ଚ ପ୍ରାୟ ୨୩୦୦ ଡଲାର ଥିଲା। ବର୍ତ୍ତମାନ, ଖର୍ଚ୍ଚ ୨୫୦୦ ଡଲାରରୁ ଅଧିକ ହୋଇଛି, ଯାହା ଆମକୁ ଟପିଯାଇଛି। ଫଳରେ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ସେ କହିଛନ୍ତି ଯେ ସେ ପରିବାର ଏବଂ ବନ୍ଧୁମାନଙ୍କଠାରୁ ଯଥାସମ୍ଭବ ଋଣ ନେଇଛନ୍ତି, କିନ୍ତୁ ବର୍ତ୍ତମାନ ସେ ଭବିଷ୍ୟତକୁ ନେଇ ଚିନ୍ତିତ। ଲସ୍ ଆଞ୍ଜେଲସର ଏକ ବଡ଼ କିରାଣା ଦୋକାନରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ବିଭାଗରେ କାମ କରୁଥିବା ଜଣେ କର୍ମଚାରୀ କହିଛନ୍ତି ଯେ ଗତ ତିନି ମାସରେ ତାଙ୍କର ମାସିକ ବିଦ୍ୟୁତ୍ ବିଲ୍ ଅତି କମ୍‌ରେ ୧୫% ପ୍ରତିଶତ ବୃଦ୍ଧି ପାଇଛି। ଖାଦ୍ୟ ବିଲ୍ ମଧ୍ୟ ତୀବ୍ର ଭାବରେ ବୃଦ୍ଧି ପାଇଛି। ପ୍ରାରମ୍ଭରେ, ସେ ଚଳଚ୍ଚିତ୍ର ଏବଂ ଅନ୍ୟାନ୍ୟ ଜିନିଷ ଖର୍ଚ୍ଚ ଉପରେ କଟକଣା ଲଗାଇଥିଲେ। ବର୍ତ୍ତମାନ ତାଙ୍କୁ ଖାଦ୍ୟ ଉପରେ ମଧ୍ୟ କଟକଣା ଲାଗୁ କରିବାକୁ ପଡୁଛି।

ଟ୍ରମ୍ପ୍ ସରକାରଙ୍କ ତଥ୍ୟ ଅନୁସାରେ, ମାର୍ଚ୍ଚ ମାସରେ ଶକ୍ତି ମୂଲ୍ୟ ୧୦.୯ ପ୍ରତିଶତ ବୃଦ୍ଧି ପାଇଛି। ଏଥିରେ ପେଟ୍ରୋଲ ମୂଲ୍ୟରେ ୨୧.୨ ପ୍ରତିଶତ ବୃଦ୍ଧି ଅନ୍ତର୍ଭୁକ୍ତ। ବିଶେଷଜ୍ଞମାନେ କହିଛନ୍ତି ଯେ ଉଚ୍ଚ ପେଟ୍ରୋଲ ମୂଲ୍ୟ ତୁରନ୍ତ ଦୈନିକ ଯାତ୍ରୀମାନଙ୍କୁ ପ୍ରଭାବିତ କରୁଛି, ଯେତେବେଳେ କି ଉଚ୍ଚ ବିଦ୍ୟୁତ୍ ଏବଂ ଗ୍ୟାସ୍ ବିଲ୍ ପରେ ଚାପ ସୃଷ୍ଟି କରେ।




ଖାଦ୍ୟ ମୁଦ୍ରାସ୍ଫୀତି ସିଧାସଳଖ ଅତ୍ୟାବଶ୍ୟକୀୟ ସାମଗ୍ରୀକୁ ପ୍ରଭାବିତ କରୁଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ଫେଡେରାଲ୍ ରିଜର୍ଭ ସୁଧ ହାରକୁ ଉଚ୍ଚ ରଖିଛି। ଏହା କ୍ରେଡିଟ୍‌କାର୍ଡ,ଅଟୋ ଋଣ ଏବଂ ଅନ୍ୟାନ୍ୟ ଋଣ କିସ୍ତିକୁ ମଧ୍ୟ ପ୍ରଭାବିତ କରୁଛି। ଇରାନ ସହିତ ଜଡିତ ଯୁଦ୍ଧ ପରିସ୍ଥିତି ଶକ୍ତି ବଜାରରେ ଅସ୍ଥିରତା ସୃଷ୍ଟି କରିଛି। ଏହାର ପ୍ରଭାବ କେବଳ ପେଟ୍ରୋଲ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ପରିବହନ, ଉତ୍ପାଦନ ଏବଂ ଖାଦ୍ୟ ଯୋଗାଣ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଆଗାମୀ ମାସଗୁଡ଼ିକରେ ମୁଦ୍ରାସ୍ଫୀତିର ଦିଗ କେତେ ଦିନ ପର୍ଯ୍ୟନ୍ତ ଶକ୍ତି ସଙ୍କଟ ଜାରି ରହିବ ଏବଂ ଶୁଳ୍କ ବୃଦ୍ଧି କରାଯିବ କିମ୍ବା ହ୍ରାସ କରାଯିବ ତାହା ଉପରେ ନିର୍ଭର କରିବ।

